# NATIONAL NEWS BULLETIN (ODIA)
## 29th March - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀ' ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେବେ ଉଦ୍‌ବୋଧନ ।
- ଭୂକମ୍ପ ପ୍ରଭାବିତ ମ୍ୟାଁମାରକୁ ସହାୟତା ଯୋଗାଇ ଦେବାଲାଗି ଆରମ୍ଭ ହେଲା 'ଅପରେସନ ବ୍ରହ୍ମା' ।
- ଛତିଶଗଡ଼ ସୁକ୍‌ମା ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୧୭ ମାଓବାଦୀ ନିହତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଗୁଜରାଟ ଟାଇଟନ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା ।

## ପ୍ରେସିଡେଣ୍ଟ - ଏନ୍.ଜି.ଟି. କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରିବେଶ ପ୍ରତି ସଚେତନତା ଏବଂ ଅନୁକୂଳ ମନୋଭାବ ପୋଷଣପୂର୍ବକ ଜୀବନଶୈଳୀ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହା ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଆଗାମୀ ପିଢ଼ିପାଇଁ କଲ୍ୟାଣକାରୀ ହୋଇପାରିବ । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ପରିବେଶ ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୫ର ଉଦ୍‌ଘାଟନ ଅବସରରେ ଶ୍ରୀମତୀ ମୁର୍ମୁ ଆଜି ଏହା କହିଛନ୍ତି । ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଦ୍ୱାରା ପରିବେଶ ସମ୍ପର୍କିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସମସ୍ତଙ୍କର ମିଳିତ ଉଦ୍ୟମ ଏବଂ ନିରନ୍ତର ସଚେତନତାମୂଳକ କାର୍ଯ୍ୟକ୍ରମ ଜରିଆରେ ପରିବେଶ ସୁରକ୍ଷା ସମ୍ଭବପର ହୋଇପାରିବ ବୋଲି ସେ କହିଛନ୍ତି । ଆଗାମୀ ପିଢ଼ିକୁ ଏକ ସ୍ୱଚ୍ଛ ପରିବେଶ ଯୋଗାଇ ଦେବା ଆମର ନୈତିକ ଦାୟିତ୍ୱ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ସେ କହିଛନ୍ତି, ସ୍ୱଚ୍ଛ ପରିବେଶ ଏବଂ ଆଧୁନିକ ବିକାଶ ମଧ୍ୟରେ ସନ୍ତୁଳନ ବଜାୟ ରଖି କାର୍ଯ୍ୟ କରିବା ସମସ୍ତଙ୍କପାଇଁ ଏକ ସୁଯୋଗ ଓ ଆହ୍ୱାନ ।

*Voice :........*

ଏହି ଅବସରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ କହିଛନ୍ତି, ନିମ୍ନ କାର୍ବନ ନିର୍ଗମନ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରି ନବସୃଜନ କାର୍ଯ୍ୟ କରାଯାଉଛି । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରଖି ବିକଶିତ ରାଷ୍ଟ୍ରପାଇଁ ଦ୍ରୁତ ଅର୍ଥନୈତିକ ବିକାଶ ଉପରେ କାର୍ଯ୍ୟ କରିବା ଏକ ଆହ୍ୱାନ ବୋଲି ଶ୍ରୀ ଯାଦବ କହିଛନ୍ତି । ଭାରତ ହେଉଛି ବିଶ୍ୱରେ ତୃତୀୟ ସର୍ବବୃହତ୍ ନବୀକରଣ ଶକ୍ତି ଉତ୍ପାଦକ ରାଷ୍ଟ୍ର । ୨୦୩୦ ମସିହା ସୁଦ୍ଧା ୫୦୦ ଜିଗାୱାଟ୍ ନବୀକରଣ ଶକ୍ତି ଉତ୍ପାଦନ କରିବା ଭାରତର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ଭାରତ କେବଳ କାର୍ବନ୍ ପରିମାଣ ହ୍ରାସ କରିବା ଲାଗି ଲକ୍ଷ୍ୟ ରଖି ନାହିଁ; ବରଂ ସବୁଜ ଶକ୍ତି କ୍ଷେତ୍ରରେ ବହୁସଂଖ୍ୟାରେ କର୍ମନିଯୁକ୍ତି ସୃଷ୍ଟି କରିବା ଲାଗି ଲକ୍ଷ୍ୟ ରଖିଥିବା ଶ୍ରୀ ଯାଦବ କହିଛନ୍ତି ।

## ପ୍ରେଜ୍ - ଫେଷ୍ଟିଭାଲ୍ ଗ୍ରିଟିଙ୍ଗ୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚୈତ୍ର ଶୁକ୍ଳାଦି, ଉଗାଡ଼ି, ଗୁଡ଼ି ପଡ଼ବା, ଚେଟି ଚାନ୍ଦ୍, ନବ୍‌ରେହ ଏବଂ ସଜିବୁ ଚେଇରାଓବା ପର୍ବର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ଏହିସବୁ ପର୍ବ ଭାରତୀୟ ନବବର୍ଷ ଆରମ୍ଭର ପ୍ରତୀକ ବୋଲି କହିଛନ୍ତି । ସେ କହିଛନ୍ତି,

ଭାରତର ସାଂସ୍କୃତିକ ବିବିଧତା ଏବଂ ସାମାଜିକ ବନ୍ଧନ ବ୍ୟବସ୍ଥାକୁ ଯୋଡ଼ିବାରେ ଏହିସବୁ ପର୍ବ ସହାୟକ ହୋଇଥାଏ । ଲୋକମାନେ ଶସ୍ୟ ଅମଳପୂର୍ବକ ଉତ୍ସାହ ଓ ଆନନ୍ଦର ସହ ଏହି ପର୍ବ ପାଳନ କରିବା ସହ ପ୍ରକୃତି ପ୍ରତି କୃତଜ୍ଞତା ଜ୍ଞାପନ କରିଥା'ନ୍ତି । ରାଷ୍ଟ୍ରପତି ଏହି ଅବସରରେ ଜନସାଧାରଣଙ୍କୁ ଏକତା ଏବଂ ସଂହତିକୁ ସୁଦୃଢ଼ କରିବା ଲାଗି ଏବଂ ନୂତନ ଶକ୍ତି ସହକାରେ କାର୍ଯ୍ୟକରି ଦେଶକୁ ପ୍ରଗତିର ଶିଖରରେ ପହଞ୍ଚାଇବା ଲାଗି ଆହ୍ୱାନ ଦେଇଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ

କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ପି.ଏମ୍. - ମହାରାଷ୍ଟ୍ର

ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ର ଓ ଛତିଶଗଡ଼ ଗସ୍ତ କରିବେ । ମହାରାଷ୍ଟ୍ର ଗସ୍ତକାଳରେ ପ୍ରଧାନମନ୍ତ୍ରୀ ନାଗପୁର ଯାଇ ସ୍ମୃତି ମନ୍ଦିର ଦର୍ଶନ କରିବେ । ଏହାପରେ ସେ ଦୀକ୍ଷାଭୂମି ଯିବେ। ପରେ ନାଗପୁରଠାରେ ମାଧବ ନେତ୍ରାଳୟ ପ୍ରିମିୟମ୍ ସେଣ୍ଟରର ଶିଳାନ୍ୟାସ କରିବେ ଏବଂ ସେଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ । ଶ୍ରୀ ମୋଦୀ ମଧ୍ୟ ଏକ ଟେଷ୍ଟିଂ ରେଞ୍ଜ୍‌ର ଉଦ୍‌ଘାଟନ କରିବେ ଏବଂ ସୋଲାର ଡିଫେନ୍ସ ଏବଂ ଏରୋସ୍ପେସ୍ ଲିମିଟେଡ୍‌ର ରନ୍‌ୱେ ସୁବିଧାର ଶୁଭ ଉଦ୍‌ଘାଟନ କରିବେ । ମହାରାଷ୍ଟ୍ର ଗସ୍ତ ସାରି ପ୍ରଧାନମନ୍ତ୍ରୀ ଛତିଶଗଡ଼ର ବିଳାସପୁର ଯିବେ ଏବଂ ସେଠାରେ ୩୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରଧାନମନ୍ତ୍ରୀ ସେଠାରେ ସାଧାରଣ ଜନତାଙ୍କୁ ମଧ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

# ମୋଦି ଭିଜିଟ୍ - ଶ୍ରୀଲଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷଷ୍ଠ ବିମ୍‌ଷ୍ଟେକ୍ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାମାସ ୩ ତାରିଖରେ ବ୍ୟାଙ୍କକ୍ ଯିବେ ଏବଂ ସେଠାରୁ ୪ ତାରିଖରେ ଶ୍ରୀଲଙ୍କା ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେଙ୍କ ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରୁଛନ୍ତି । ଶ୍ରୀଲଙ୍କା ସରକାର ଏବଂ ଶ୍ରୀଲଙ୍କାବାସୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଗସ୍ତକୁ ଆଗ୍ରହ ସହକାରେ ଅପେକ୍ଷା କରିଛନ୍ତି । ଏକ କାର୍ଯ୍ୟକ୍ରମରେ ଶ୍ରୀଲଙ୍କା ଉପ-ବୈଦେଶିକ ମନ୍ତ୍ରୀ ଅରୁଣ ହେମାଚନ୍ଦ୍ର କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାପାଇଁ ଶ୍ରୀଲଙ୍କାବାସୀ ଆଗ୍ରହ ଏବଂ ଉତ୍ସାହ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକ୍ରମେ ଭାରତରେ ଯଥେଷ୍ଟ ପ୍ରଗତି ହୋଇପାରିଛି ଏବଂ ବିଶ୍ୱମଞ୍ଚରେ ଏକ ପ୍ରମୁଖ ସ୍ଥାନ ହାସଲ କରିପାରିଛି ବୋଲି ଶ୍ରୀ ହେମାଚନ୍ଦ୍ର କହିଛନ୍ତି । ଶ୍ରୀ ମୋଦି ଶ୍ରୀଲଙ୍କାରେ ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଏମ୍.ଇ.ଏ. ଅପରେସନ ବ୍ରହ୍ମା

ଭାରତ’ ଭୂକମ୍ପ ପ୍ରଭାବିତ ମ୍ୟାଁମାର୍‌କୁ ସହାୟତା ଯୋଗାଇ ଦେବାଲାଗି ଆଜି ‘ଅପରେସନ୍ ବ୍ରହ୍ମା’ ଆରମ୍ଭ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ଭାରତ ମ୍ୟାଁମାରକୁ ହିଣ୍ଡନ ବାୟୁସେନା ବିମାନ ବନ୍ଦରରୁ ଆଜି ଭୋର୍ ପ୍ରାୟ ୩ଟା ସମୟରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ୧୫ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି । ଏହା ସକାଳ ୮ଟା ସମୟରେ ୟାଙ୍ଗୁନ୍‌ଠାରେ ପହଞ୍ଚିଥିବା ସୂଚନା ମିଳିଛି । ସେଠାରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଏହିସବୁ ରିଲିଫ୍ ସାମଗ୍ରୀ ଗ୍ରହଣ କରିଥିଲେ । ରିଲିଫ୍ ସାମଗ୍ରୀଗୁଡ଼ିକ ମଧ୍ୟରେ ତମ୍ବୁ, କମ୍ବଳ, ଆବଶ୍ୟକ ଔଷଧ, ତାର୍‌ପୋଲିନ୍, ସୌର ଲ୍ୟାମ୍ପ୍, ରନ୍ଧନ ସାମଗ୍ରୀ ଏବଂ ଖାଦ୍ୟପୁଡ଼ିଆମାନ ରହିଛି ।

ମୁଖପାତ୍ର ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଅନ୍ୟ ଦୁଇଟି ବିମାନରେ ମଧ୍ୟ ଉଦ୍ଧାରକାରୀ ଦଳ ସହ ଯନ୍ତ୍ରାଂଶ ମ୍ୟାଁମାର୍‌ର ‘ନେ ପି ତା’କୁ ପଠାଯାଇଛି । ୮୦ ଜଣ ସଦସ୍ୟ ବିଶିଷ୍ଟ ଏନ୍.ଡି.ଆର୍.ଏଫ୍. ଦଳକୁ ଯନ୍ତ୍ରାଂଶ ଏବଂ ରିଲିଫ୍ ସାମଗ୍ରୀ ସହ ପଠାଯାଇଛି । ସେମାନେ ଆଜି ରାତିସୁଦ୍ଧା ମ୍ୟାଁମାରରେ ପହଞ୍ଚିବେ । ଭୂକମ୍ପରେ ସର୍ବାଧିକ କ୍ଷତିଗ୍ରସ୍ତ ମାଣ୍ଡାଲେ’ ଅଞ୍ଚଳରେ ଏନ୍.ଡି.ଆର୍.ଏଫ୍. ଦଳ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବେ । ସେହିପରି

ତୃତୀୟ ପର୍ଯ୍ୟାୟରେ ୧୧୮ ଜଣିଆ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କର ଏକ ଦଳ ସେଠାକୁ ଯିବେ ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି ।

## ଛତିଶଗଡ଼ - ମାଓଇଷ୍ଟ କିଲ୍ଡ୍

ଛତିଶଗଡ ବସ୍ତର ଡିଭିଜନର ସୁକୁମା ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୧୭ ଜଣ ମାଓବାଦୀ ନିହତ ହୋଇଛନ୍ତି । ନିହତ ମାଓବାଦୀଙ୍କ ମଧ୍ୟରେ ୧୧ ଜଣ ମହିଳା ମାଓବାଦୀ ଥିବା ସୂଚନା ମିଳିଛି । ସଂଘର୍ଷରେ ୪ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି । ସଂଘର୍ଷରେ ପ୍ରାଣ ହରାଇଥିବା ଜଣେ ମାଓବାଦୀଙ୍କୁ ଧରିବା ଲାଗି ପୂର୍ବରୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସି.ଆର୍.ପି.ଏଫ୍. ଏବଂ ଡି.ଆର୍.ଜି. ପକ୍ଷରୁ ନକ୍ସଲ ବିରୋଧୀ ମିଳିତ ତଲାସୀ ଅଭିଯାନ କର୍ଲାପାଲ ଅଞ୍ଚଳରେ କରାଯାଇଥିଲା । ସେହି ଅଞ୍ଚଳରେ ମାଓବାଦୀମାନେ ରହିଥିବାର ଗୁଇନ୍ଦା ସଂସ୍ଥା ପକ୍ଷରୁ ସୂଚନା ମିଳିବା ପରେ ତଲାସୀ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା । ଆଜି ସକାଳଠାରୁ  ସୁରକ୍ଷାବାହିନୀ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ସୁରକ୍ଷା ବାହିନୀ ପକ୍ଷରୁ ଘଟଣାସ୍ଥଳରୁ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସେହିପରି

ଘଟଣାସ୍ଥଳରୁ ମଧ୍ୟ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ଏ.କେ. ୪୭ ରାଇଫଲ୍, ରକେଟ୍ ଲଞ୍ଚର ଆଦି ସାମଗ୍ରୀ ଉଦ୍ଧାର କରାଯାଇଛି ।

## ରୁଷ୍ - ଡ୍ରୋନ୍ ଆଟାକ

କେନ୍ଦ୍ରୀୟ ୟୁକ୍ରେନ ସହର ଡିନିପ୍ରୋ ଉପରେ ରୁଷିଆର ଡ୍ରୋନ୍ ଆକ୍ରମଣ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୧ ଜଣ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ରୁଷିଆ ପକ୍ଷରୁ ୨୦ଟି ଡ୍ରୋନ୍ ମାଧ୍ୟମରେ ଏହି ଆକ୍ରମଣ କରାଯାଇଥିଲା । ଏକ ହୋଟେଲ ଏବଂ କେତେକ ଆବାସିକ କୋଠା ଏହି ଡ୍ରୋନ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିସାରା ଡ୍ରୋନ୍ ଆକ୍ରମଣ ନେଇ ୟୁକ୍ରେନ୍ ରାଜଧାନୀ କିବ୍ ସମେତ ବିଭିନ୍ନ ଅଞ୍ଚଳରେ ସାଇରନ୍ ଶୁଣାଯାଇଥିଲା । ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମ ବେଲ୍‌ଗୋରୋଡ୍ ଅଞ୍ଚଳରେ ୩ଟି ୟୁକ୍ରେନ୍ ଡ୍ରୋନ୍‌କୁ ଗୁଳି କରି ଖସାଇ ଦିଆଯାଇଛି । ରୁଷ୍‌ର ଶକ୍ତିକ୍ଷେତ୍ରରେ ବାରମ୍ବାର ଆକ୍ରମଣ କରୁଥିବା ନେଇ ମସ୍କୋ ୟୁକ୍ରେନ୍‌କୁ ନିନ୍ଦା କରିଛି ।

ଅପରପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେନେଲେସ୍କି ଏହି ଆକ୍ରମଣ ପାଇଁ ରୁଷିଆକୁ ଦାୟୀ କରିଥିବାବେଳେ ୟୁକ୍ରେନ୍‌ର ଶକ୍ତିକ୍ଷେତ୍ର ଗୁଡ଼ିକୁ ଲକ୍ଷ୍ୟକରି ଆକ୍ରମଣ ହୋଇଥିବା ଅଭିଯୋଗ କରିଛନ୍ତି । ଆମେରିକା ମଧ୍ୟସ୍ଥତାରେ ଏକମାସ ପାଇଁ ଶକ୍ତି କ୍ଷେତ୍ରଗୁଡ଼ିକ ଉପରେ ଆକ୍ରମଣ ନ କରିବା ପାଇଁ ହୋଇଥିବା ଆଲୋଚନାର ଏହା ବିରୁଦ୍ଧାଚରଣ କରୁଛି ବୋଲି ସେ କହିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅହମ୍ମଦାବାଦର  ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଉ କିଛି ସମୟ ପରେ ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଉଭୟ ଦଳ ଚଳିତ ସିଜିନ୍‌ର ପ୍ରଥମ ମ୍ୟାଚରୁ ପରାସ୍ତ ହୋଇଥିଲେ । ଗୁଜୁରାଟ ଟାଇଟନ୍ସ ୧୧ରନ୍‌ରେ ପଞ୍ଜାବ କିଙ୍ଗ୍‌ସଠାରୁ ପରାସ୍ତ ହୋଇଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସଠାରୁ ହାରି ଯାଇଥିଲା ।

*****